# NATIONAL NEWS BULLETIN (ODIA)

## 1 April - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଦେଶବ୍ୟାପି ଆଜିଠାରୁ ଆରମ୍ଭ ହେଉଛି ୨୦୨୭ ଜନଗଣନା ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ।
- ପଶ୍ଚିମ ଏସିଆ ସଂଘର୍ଷ ସତ୍ତ୍ୱେ ଭାରତ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିପାରିଛି, କହିଲେ ପ୍ରଧାନମନ୍ତ୍ରୀ ।
- ଧାର୍ଯ୍ୟ ସମୟସୀମାର ଶେଷ ଦିବସରେ ଗତକାଲି ମହାରାଷ୍ଟ୍ର ଓ ଛତିଶଗଡ଼ରେ ଆତ୍ମସମର୍ପଣ କଲେ ୪୨ ଜଣ ମାଓବାଦୀ ।
- ଓଡ଼ିଶା ଆଜି ପାଳନ କରୁଛି ୯୦ତମ ପ୍ରତିଷ୍ଠା ଦିବସ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସକୁ ୩ ଓ୍ୱିକେଟ୍‌ରେ ପରାସ୍ତ କଲା ପଞ୍ଜାବ କିଙ୍ଗସ୍ ।

# ସେନ୍‌ସସ୍

ଦେଶ ବ୍ୟାପି ୨୦୨୭ ଜନଗଣନା ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହେଉଛି । ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଗଣନାରେ ପ୍ରଥମ ପର୍ଯ୍ୟାୟରେ ଘର ତାଲିକା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା କରାଯିବ । ୨୦୨୭ ମାର୍ଚ୍ଚ ପହିଲାକୁ ଧାର୍ଯ୍ୟ ସମୟ ଭାବେ ଦୃଷ୍ଟିରେ ରଖି ଏହି ଗଣନା କାର୍ଯ୍ୟ ସମ୍ପନ୍ନ କରାଯିବ । ପ୍ରଥମଥର ପାଇଁ ଡିଜିଟାଲ୍ ଭାବରେ କରାଯିବାକୁ ଥିବା ଏହି ଗଣନାରେ ନାଗରିକ ନିଜେ ଗଣନା କରିବାର ବିକଳ୍ପ ମଧ୍ୟ ଉପଲବ୍ଧ ରହିଛି । ଆଜିଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଗଣନାରେ ଆବାସ ତାଲିକା ପ୍ରସ୍ତୁତ କରାଯିବ । ୧୬ ତାରିଖରୁ ଆବାସ ଗଣନା ଆରମ୍ଭ ହୋଇ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ଆବାସ ସଂଖ୍ୟା, ସୁବିଧାସୁଯୋଗ ଏବଂ ଅନ୍ୟାନ୍ୟ ସମ୍ପତ୍ତି ସମ୍ପର୍କରେ ବିସ୍ତୃତ ସୂଚନା ସଂଗ୍ରହ କରାଯିବ । ପ୍ରତ୍ୟେକ ଆବାସକୁ ଜିଓ ଟ୍ୟାଗିଙ୍ଗ୍ କରାଯିବା ସହ ଏକକ ପରିଚୟ ସଂଖ୍ୟା ପ୍ରଦାନ କରାଯିବ । ଓଡ଼ିଶା ସମେତ ୧୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହେବ । ୯ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶରେ ମେ ମାସରେ, ଜୁନ୍ ମାସରେ ୩ଟି, ଜୁଲାଇରେ ୨ଟି ଏବଂ ଅଗଷ୍ଟରେ ଅନ୍ୟ ଦୁଇଟି ଅଞ୍ଚଳରେ ଏହି

ପଦକ୍ଷେପ କାର୍ଯ୍ୟକାରୀ ହେବ । ଆବାସ ସର୍ଭେ ପୂର୍ବରୁ ନାଗରୀକ ୱେବ୍ ପୋର୍ଟାଲ୍‌ରେ ସିଧାସଳଖ ନିଜର ବିବରଣୀ ପ୍ରଦାନ କରିପାରିବେ । ୧୬ଟି ଭାଷାରେ ଏହି ବିବରଣୀ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ନାଗରୀକଙ୍କ ପ୍ରଦତ୍ତ ତଥ୍ୟକୁ ସରକାର ସୁରକ୍ଷିତ ରଖିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଦେଶ ବ୍ୟାପି ଏହି ଗଣନା କାର୍ଯ୍ୟକ୍ରମରେ ୩ ଲକ୍ଷରୁ ଅଧିକ ଗଣନାକାରୀ, ପର୍ଯ୍ୟବେକ୍ଷକ ଏବଂ ଅନ୍ୟାନ୍ୟ ବର୍ଗର ଅଧିକାରୀ ସାମିଲ ହେବେ ।

ଆସନ୍ତା ବର୍ଷ ଫେବୃୟାରୀ ମାସରେ ଜନସଂଖ୍ୟା ଗଣନା କରାଯିବ । ବିଭିନ୍ନ ବର୍ଗର ବ୍ୟକ୍ତି, ସାକ୍ଷରତା, ବୃତ୍ତି ଏବଂ ଜାତି ସମ୍ବନ୍ଧୀୟ ସମସ୍ତ ବିବରଣୀ ଏହି ପର୍ଯ୍ୟାୟରେ ସଂଗ୍ରହ କରାଯିବ । ୨୦୨୭ ଜନଗଣନା ପ୍ରକ୍ରିୟା ପାଇଁ ସରକାର ୧୧ ହଜାର ୭୧୮ କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳ କରିଛନ୍ତି । ରେଜିଷ୍ଟ୍ରାର୍ ଜେନେରାଲ୍ ତଥା ଜନଗଣନା ଆୟୁକ୍ତ ମୃତ୍ୟୁଞ୍ଜୟ କୁମାର ନାରାୟଣନ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଚଳିତ ବର୍ଷ ଜାନୁଆରୀ ପହିଲାରୁ ପ୍ରଶାସନିକ ସମୟସୀମା ସ୍ଥିର କରାଯାଇଥିବା ବେଳେ ଗତ ବର୍ଷ ନଭେମ୍ବରରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡ଼ିକରେ ପ୍ରଥମ ପର୍ଯ୍ୟାୟ ନେଇ ଏକ ପୂର୍ବ ଗଣନା ଅଭିଯାନ କରାଯାଇଥିଲା ।

**V/O-3-F--MRITYUNJAY-KUMAR (1)**

# ପିଏମ୍-ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପଶ୍ଚିମ ଏସିଆ ସଂଘର୍ଷ ସତ୍ତ୍ୱେ ମଧ୍ୟ ଭାରତ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିପାରିଛି । ଗୁଜରାଟର ଭାବଥରଡ଼ ଜିଲ୍ଲାର ନନିଠାରେ ଗତ ସନ୍ଧ୍ୟାରେ ୧୯ ହଜାର ୮୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ଅବସରରେ ଶ୍ରୀ ମୋଦୀ ଏହା କହିଛନ୍ତି । ସେ କହିଛନ୍ତି, ଦେଶର ନାଗରିକଙ୍କୁ ସରକାର ପଶ୍ଚିମ ଏସିଆ ସଂଘର୍ଷର ପ୍ରଭାବଠାରୁ ସୁରକ୍ଷିତ ରଖିଛନ୍ତି ।

**V/O-1--PM--WEST-ASIA**

ପ୍ରଧାନମନ୍ତ୍ରୀ କହିଛନ୍ତି, ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକ ଆଞ୍ଚଳିକ ସଂଯୋଗୀକରଣକୁ ଉନ୍ନତ କରିବା ସହିତ ସାମାଜିକ ଏବଂ ଆର୍ଥିକ ବିକାଶକୁ ସହଯୋଗ ପ୍ରଦାନ କରିବ । ଉତ୍ତର ଗୁଜରାଟର ଦିସାଠାରେ କାର୍ଯ୍ୟକାରୀ ହୋଇଥିବା ବାୟୁସେନା ଘାଟି ପଶ୍ଚିମ ଭାରତର ଜାତୀୟ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ପ୍ରକଳ୍ପଗୁଡ଼ିକ ମଧ୍ୟରେ ଶକ୍ତି, ସଡ଼କ ଯୋଗାଯୋଗ ଏବଂ ରେଳ ମନ୍ତ୍ରଣାଳୟର ୧୦ ହଜାର ୯୨୧ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପ ରହିଛି । ଏଥିସହ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ, ଜଳସମ୍ପଦ, ଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିବାର

କଲ୍ୟାଣ, ପର୍ଯ୍ୟଟନ ଏବଂ ଆଦିବାସୀ ବିଭାଗର ୮ ହଜାର ୮୮୬ କୋଟି ଟଙ୍କା ଅନ୍ତର୍ଭୁକ୍ତ ।

ଗୁଜରାଟକୁ ଗତକାଲି ଦିନିକିଆ ଗସ୍ତରେ ଯାଇ ଶ୍ରୀ ମୋଦୀ ସାନନ୍ଦ ଠାରେ କେନ୍ସ ସେମିକଣ୍ଡକ୍ଟରର ଓ.ଏସ୍.ଏ.ଟି. ପ୍ଲାଣ୍ଟ୍‌କୁ ଲୋକାର୍ପଣ କରିଥିଲେ । ସମାବେଶକୁ ସମ୍ବୋଧନ କରି ସେ କହିଛନ୍ତି, ଏହି ପ୍ଲାଣ୍ଟ ଦ୍ୱାରା ହେବାକୁ ଥିବା ଉତ୍ପାଦନ ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଭାରତ ବିଶ୍ୱ ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ପ୍ରମୁଖ ଅଂଶିଦାର ଭାବେ ଉଭା ହେଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ପାର୍ଲାମେଣ୍ଟ ଟୁଡେ

ଲୋକସଭାରେ ଆଜି ବିଦେଶୀ ସହାୟତା ନିୟନ୍ତ୍ରଣ ସଂଶୋଧନ ବିଲ୍ ୨୦୨୬ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ୨୦୧୦ ଆଇନ୍‌କୁ ସଂଶୋଧନ କରାଯାଇ ଏହି ବିଲ୍ ପ୍ରସ୍ତୁତ ହୋଇଛି । ଗୃହରେ ମଧ୍ୟ ଆଜି ଜନବିଶ୍ୱାସ ସଂଶୋଧନ ବିଲ୍ ୨୦୨୬ ମଧ୍ୟ ଆଲୋଚନାରେ ହୋଇପାରେ । ଜୀବନଧାରଣର ସହଜତା ଏବଂ ବ୍ୟବସାୟ କରିବାର ସୁଗମ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏକ ଅପରାଧମୁକ୍ତ ସମାଜ ଗଠନରେ ଏହି ବିଲ୍‌ରେ ବିଭିନ୍ନ ପ୍ରସ୍ତାବ ରହିଛି । ଅନ୍ୟ ପକ୍ଷରେ

ରାଜ୍ୟସଭାରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ସାଧାରଣ ପ୍ରଶାସନ ବିଲ୍ ୨୦୨୬ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

## ମହା-ଛତିଶଗଡ଼-ମାଓଇଷ୍ଟ

ଛତିଶଗଡ଼ର ବସ୍ତର ଅଞ୍ଚଳରେ ଗତକାଲି ୩୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୧୭ ଜଣ ମହିଳା ମାଓବାଦୀ ରହିଛନ୍ତି । ବସ୍ତର ଡିଭିଜନ୍‌ର ବିଜାପୁର ଜିଲ୍ଲାରେ ୨୫ ଜଣ, ଦନ୍ତେୱାଡ଼ା ଜିଲ୍ଲାର ୫ ଜଣ, କାଙ୍କେର୍ ଜିଲ୍ଲାରେ ୨ ଜଣ ଏବଂ ନାରାୟଣପୁର ଜିଲ୍ଲାରେ ଜଣେ ମାଓବାଦୀ ସେଥିମଧ୍ୟରେ ଅନ୍ତର୍ଭୁକ୍ତ । ସୁରକ୍ଷା ବାହିନୀ ତରଫରୁ ଚାଲିଥିବା ତଲାସୀ ଅଭିଯାନ ବେଳେ ସେହିସବୁ ଅଞ୍ଚଳରୁ ବହୁ ପରିମାଣର ମାଓ ସାମଗ୍ରୀ ମଧ୍ୟ ଜବତ କରାଯାଇଛି । ସେଥିମଧ୍ୟରେ ୭ କିଲୋଗ୍ରାମ୍ ସୁନା ଏବଂ ୩ କୋଟି ନଗଦ ଅର୍ଥ ରହିଛି ।

ମହାରାଷ୍ଟ୍ରରେ ମଧ୍ୟ ୯ ଜଣ ନକ୍ସଲବାଦୀ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି । ଗଡ଼ଚିରୋଲି ପୁଲିସ୍ ଅଧିକ୍ଷକ ନୀଲୋପ୍ତାଲ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସେମାନଙ୍କ ମଧ୍ୟରେ ଛତିଶଗଡ଼ର ଇନ୍ଦ୍ରାବତୀ ଆଞ୍ଚଳିକ କମିଟି ଏବଂ ଜାତୀୟ ଉଦ୍ୟାନ ଆଞ୍ଚଳିକ କମିଟିରେ ସାମିଲ ଥିବା ମାଓବାଦୀ ଅନ୍ତର୍ଭୁକ୍ତ । ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ଥଇଥାନ

ଓ ପୁନର୍ବାସ ନୀତିର ସୁବିଧା ସେମାନଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

ସୂଚନା ଯୋଗ୍ୟ ମାଓମୁକ୍ତ ଦେଶ ଗଠନ ଲକ୍ଷ୍ୟ ହାସଲ ଦିଗରେ ଗତକାଲି ଆତ୍ମସମର୍ପଣର ଶେଷ ଦିବସ ଥିଲା ।

## ଉତ୍କଳ ଦିବସ

ଓଡ଼ିଶା ଆଜି ପାଳନ କରୁଛି ୯୦ତମ ପ୍ରତିଷ୍ଠା ଦିବସ । ୧୯୩୬ ମସିହା  ଏପ୍ରିଲ ମାସ ଆଜିର ଦିନରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ଗଠିତ ହୋଇଥିଲା । ଉତ୍କଳ ଦିବସ' ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଏବଂ ଗୌରବର ଦିନ । ପରାଧୀନ ଶୃଙ୍ଖଳରୁ ମୁକ୍ତ ହୋଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କଠାରୁ ଆରମ୍ଭ କରି ସ୍ୱଭାବକବି ଗଙ୍ଗାଧର ମେହେର, କର୍ମବୀର ଗୌରୀଶଙ୍କର ରାୟଙ୍କ ପର୍ଯ୍ୟନ୍ତ ମହାନ୍ ବ୍ୟକ୍ତିତ୍ୱଙ୍କର ଓଡ଼ିଆ ଭାଷା, ସାହିତ୍ୟ ସହିତ ଏକ ସ୍ୱତନ୍ତ୍ର  ରାଜ୍ୟ  ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ୧୯୫୪ ମସିହାରେ ଭାଷା ଆଇନ୍ ସଂଶୋଧିତ ହୋଇ ଓଡ଼ିଆ ଭାଷା ସରକାରୀ ଭାଷାର ମାନ୍ୟତା ପାଇଥିଲା ।

ଉତ୍କଳ ଦିବସ ଉପଲକ୍ଷେ ରାଷ୍ଟ୍ରପତି, ରାଜ୍ୟପାଳ, ବାଚସ୍ପତି ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଜ୍ୟସ୍ତରୀୟ ଉତ୍କଳ ଦିବସ ସମାରୋହ ଆଜି ଅପରାହ୍ଣ ସାଢ଼େ ୫ଟା ସମୟରେ କୃଷି ଶିକ୍ଷା ସଦନ - ଓ.ୟୁ.ଏ.ଟି. ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଟ୍ରମ୍ପ୍-ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ହର୍ମୁଜ୍ ପ୍ରଣାଳୀକୁ ସୁରକ୍ଷିତ ରଖିବା ପାଇଁ ଆମେରିକାର ସାମରିକ ବାହିନୀ ପ୍ରୟାସ ଜାରି ରଖିଛନ୍ତି । ଏକ ଗଣମାଧ୍ୟମ ସଂସ୍ଥା ସହ ସାକ୍ଷାତକାର ଅବସରରେ ଶ୍ରୀ ଟ୍ରମ୍ପ୍ ଆନ୍ତର୍ଜାତିକ ସହଯୋଗୀଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକପଥକୁ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ବୋଲି କହିଛନ୍ତି । ଇରାନ୍ ସହିତ ଜାରି ରହିଥିବା ଆମେରିକା ଓ ଇସ୍ରାଏଲ୍ ସଂଘର୍ଷରେ ବ୍ରିଟେନ୍ ଭଳି ଦେଶଗୁଡ଼ିକ ସାମରିକ ସମର୍ଥନର ଅଭାବ ଉପରେ ଆଲୋଚନା ବେଳେ ଶ୍ରୀ ଟ୍ରମ୍ପ୍ ସୂଚନା ପ୍ରଦାନ କରିଛନ୍ତି । ଜାହାଜ ଚଳାଚଳ ଏବଂ ଆଞ୍ଚଳିକ ଭିତ୍ତିଭୂମି ଉପରେ ଇରାନ୍‌ର ବାରମ୍ବାର ଆକ୍ରମଣ ସତ୍ତ୍ୱେ ହର୍ମୁଜ୍ ପ୍ରଣାଳୀ ପ୍ରତି ସେଭଳି କୌଣସି ବିପଦ ନାହିଁ ବୋଲି ଶ୍ରୀ

ଟ୍ରମ୍ପ୍ କହିଛନ୍ତି । ଏହି ପଥ ଉପରେ ନିର୍ଭର କରୁଥିବା ରାଷ୍ଟ୍ରଗୁଡ଼ିକ ଏହାକୁ ସୁରକ୍ଷିତ ରଖିବାରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଶ୍ରୀ ଟ୍ରମ୍ପ୍ ଆହ୍ୱାନ ଦେଇଛନ୍ତି । ହର୍ମୁଜ୍ ପ୍ରଣାଳୀ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ସାମୁଦ୍ରିକ ପଥ ମଧ୍ୟରେ ଅନ୍ୟତମ । ବିଶ୍ୱ ଯୋଗାଣର ପ୍ରାୟ ୨୦ ପ୍ରତିଶତ ତୈଳ ପରିବହନ ଏହି ପଥ ଦେଇ ହୋଇଥାଏ ।

## ରୁଷ-ପ୍ଲେନ୍ କ୍ରାସ୍

ରୁଷର **AN-26** ସାମରିକ ପରିବହନ ବିମାନ ଗତକାଲି ଦୁର୍ଘଟଣା ଗ୍ରସ୍ତ ହେବାରୁ ୨୯ ଜଣଙ୍କର ମୃତ୍ୟୁ ହୋଇଛି । ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ କ୍ରିମିୟା ଉପଦ୍ୱୀପର ଏକ ପାହାଡ଼ରେ ଏହି ବିମାନଟି ଦୁର୍ଘଟଣା ଗ୍ରସ୍ତ ହୋଇଛି । ଏଥିରେ ୨୩ ଜଣ ଯାତ୍ରୀ ଏବଂ ୬ ଜଣ କର୍ମଚାରୀଙ୍କର ମୃତ୍ୟୁ ହୋଇଛି । ପ୍ରାରମ୍ଭିକ ଆକଳନ ଅନୁଯାୟୀ ଯାନ୍ତ୍ରିକ ସମସ୍ୟା ଯୋଗୁଁ ଦୁର୍ଘଟଣା ଘଟିଥିବା କୁହାଯାଇଛି ।

## ପୀୟୂଷ ଗୋୟଲ୍-ପ୍ରେସ୍‌ମିଟ୍

ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଚେନ୍ନାଇଠାରେ ଡି.ଏମ୍.କେ. ସରକାରଙ୍କ ସହ ଜଡ଼ିତ ବିଭିନ୍ନ ଅଭିଯୋଗ

ନେଇ ମତ ପୋଷଣ କରିଛନ୍ତି । ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି, ଆଗାମୀ ନିର୍ବାଚନ ରାଜ୍ୟ ଇତିହାସରେ ଏକ ପରିବର୍ତ୍ତନର ମୁହୂର୍ତ୍ତ ଆଣିବ । ଆଇନ୍ ଶୃଙ୍ଖଳା ପରିସ୍ଥିତି, ଅପରାଧ ଏବଂ ନିର୍ବାଚନ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ କରିବା ଭଳି ଡି.ଏମ୍.କେ. ସରକାରଙ୍କ ବିରୁଦ୍ଧରେ ବର୍ଣ୍ଣନା କରି ଶ୍ରୀ ଗୋୟଲ ରାଜ୍ୟରେ ମହିଳା, ଶିଶୁ, ଯୁବବର୍ଗ, ଚାଷୀ ଏବଂ ଦଳୀତଙ୍କ ବିରୁଦ୍ଧରେ ବିଭିନ୍ନ ମାମଲାରେ ଡି.ଏମ୍.କେ. କର୍ମକର୍ତ୍ତା ଜଡ଼ିତ ଅଛନ୍ତି ବୋଲି ଅଭିଯୋଗ କରିଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ବିଜୟୀ ହୋଇଛି । ନ୍ୟୁ ଚଣ୍ଡିଗଡ଼ର ମହାରାଜା ଯଜୁବେନ୍ଦ୍ର ସିଂହ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ଗୁଜରାଟ ଟାଇଟନ୍ସ୍‌କୁ ୩ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ପଞ୍ଜାବ କିଙ୍ଗସ୍ ଗୁଜରାଟ ଟାଇଟନ୍ସ୍‌କୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଗୁଜରାଟ ଟାଇଟନ୍ସ ୬ ୱିକେଟ୍ ବିନିମୟରେ ୧୬୨ରନ୍ ସଂଗ୍ରହ କରିଥିଲା । ବିଜୟ ଲକ୍ଷ୍ୟକୁ ପଞ୍ଜାବ କିଙ୍ଗସ୍ ୭ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ପ୍ରଥମଥର ପାଇଁ ପଞ୍ଜାବ କିଙ୍ଗସ୍ ତରଫରୁ

ଖେଳୁଥିବା କୁପର୍ କୋନୋଲି ଅପରାଜିତ ୭୨ରନ୍ ସଂଗ୍ରହ କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

ଆଜି ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍ ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।